Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 209
Sunday, 5 October 2025
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୫ ଅକ୍ଟୋବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



## ୨ ବର୍ଷରୁ କମ୍ ପିଲାଙ୍କୁ ସିରପ୍ ନଦେବାକୁ କେନ୍ଦ୍ରର ନିର୍ଦ୍ଦେଶ



ଭୁବନେଶ୍ୱର,୪/୧୦(ଆ.ପ୍ର): ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବ୍ୟାନ ଡାଏଥିଲିନ୍ ଗ୍ଲାଇକଲ୍ କଂପୋଜିସନ ମେଡିସିନର ଓଡ଼ିଶାରେ ଆଦୌ ସପ୍ଲାଇ ନାହିଁ ବୋଲି କ୍ୟାପିଟାଲ ହସ୍ପିଟାଲ୍ ଶିଶୁରୋଗ ମୁଖ୍ୟ ସ୍ପଷ୍ଟ କରିଥିବାବେଳେ ଏହାର ବ୍ୟବହାର କେତେ ଘାତକ ତାହା ବୁଝାଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ତେଣେ ଡ୍ରଗସ୍ କଣ୍ଟ୍ରୋଲରଙ୍କ ଆଶ୍ୱସ୍ତିବାଣୀ ରାଜ୍ୟକୁ ସେହି କଫ୍ ସିରପର୍ ଅଳ୍ପ କିଛି ବରଗଡ଼କୁ ଆସିଥିଲେ ବି ଏହା ଅନ୍ୟ କୌଣସି ସ୍ଥାନକୁ ବିତରଣ ହୋଇନି । ଦୁଇ ବର୍ଷରୁ କମ୍ ପିଲାଙ୍କୁ ଦିଅନି କଫ୍ ସିରପ୍ । ଶିଶୁଙ୍କୁ ଘାତକ ସାଜିପାରେ କାଶ ଔଷଧ । ହଠାତ୍ ଅକାମୀ ହୋଇ ଯାଉଛି କୁନି ପିଲାଙ୍କ କିଡନୀ । କଫ୍ ସିରପ୍ ଖାଇ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ୧୧ ଶିଶୁଙ୍କ ମୃତ୍ୟୁ ଘଟଣାକୁ ନେଇ ସାରା ଦେଶରେ ହଇଚଇ । ଥଣ୍ଡା-କାଶ ଓ ଜ୍ୱର ପାଇଁ କୋଲଡ୍ରିଫ୍ ଏବଂ ନେକ୍ସଟ୍ରୋ-ଡିଏସ୍ ନାମକ କଂପାନୀର କଫ ସିରପ୍ ଦିଆଯିବାରୁ ଶିଶୁମାନଙ୍କର ମୃତ୍ୟୁ ଘଟିଥିବା ସଂଗୀନ ଅଭିଯୋଗ ଆସିବା ପରେ ଏବେ ଉଭୟ ରାଜ୍ୟରେ ଏହାକୁ ବ୍ୟାନ୍ କରାଯାଇଛି ।

କାରଣ ସେଥିରେ ଥିବା ଡାଏଥିଲିନ୍ ଗ୍ଲାଇକଲ୍ ଶିଶୁଙ୍କ କିଡନୀ ଉପରେ ସିଧା ପ୍ରଭାବ ପକାଉଥିବାରୁ ଘାରିଛି ଭୟ । ଯାହାକୁ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ବି ତତକାଳ ସବୁ ରାଜ୍ୟଙ୍କ ପାଇଁ ଜାରି କରିଛି ଆଡଭାଇଜରି । ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ କହିଛନ୍ତି- ଦୁଇ ବର୍ଷରୁ କମ୍ ବୟସର ପିଲାଙ୍କୁ କାଶ ଏବଂ ଥଣ୍ଡା ଔଷଧ ଆଦୌ ଦେବା ଉଚିତ ନୁହେଁ । ପାଂ ବର୍ଷରୁ କମ୍ ବୟସ୍କ ଶିଶୁଙ୍କ କ୍ଷେତ୍ରରେ ବି ଏଭଳି ଔଷଧ ଗ୍ରହଣୀୟ ନୁହେଁ । ତେଣେ କେନ୍ଦ୍ରର ଏ ଆଡଭାଇଜରି ପରେ ଓଡ଼ିଶାରେ ଛନକା । ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ବ୍ୟାନ୍ କଫ୍ ସିରପ୍ ଓଡ଼ିଶାକୁ ଆସିନି ତ ? ଯଦି ଆସିଛି କେଉଁଠି ବିକ୍ରି ହେଉଛି ? ରାଜ୍ୟ ଡ୍ରଗସ୍ କଣ୍ଟ୍ରୋଲରଙ୍କ ସୂଚନା ଅନୁସାରେ- ବ୍ୟବହାର ଅନୁପଯୁକ୍ତ ଉକ୍ତ ମେଡିସିନ୍ କର୍ଣ୍ଣାଟକର କାଞ୍ଚିପୁରମ୍ ରୁ ସପ୍ଲାଇ ହୋଇଥିଲା । ରାଜସ୍ଥାନ, ପୁଡୁଚେରି ଓ ମଧ୍ୟପ୍ରଦେଶ ସହ ଓଡ଼ିଶାକୁ ବି ଆସିଛି । ତେବେ ମାତ୍ର ୧୩୦ଟି ୟୁନିଟ୍ କଫ୍ ସିରପ୍ କେବଳ ବରଗଡ଼ ଜିଲ୍ଲାକୁ ଆସିଥିବାରୁ ଏହାକୁ ବିତରଣ କରାଯାଇନି । ତେବେ ଏଠି ପ୍ରଶ୍ନ- ଡାକ୍ତରମାନେ ଆଉ ପିଲାଙ୍କ ପ୍ରେସ୍କିପସନ୍ ରେ କଫ୍ ସିରପ୍ ଲେଖିବେ ତ ? ଯେହେତୁ ଏହା ଏକ ଆଲର୍ଜି ଜନିତ ରୋଗ ଓ ଅତି ସହଜରେ ଶିଶୁଙ୍କୁ ଆକ୍ରାନ୍ତ କରେ, ତେଣୁ ଦୈନିକ ଡାକ୍ତରଙ୍କ ପାଖରେ ହଜାର ହଜାର ସଂଖ୍ୟାରେ ଭିଡ଼ ଲାଗେ । ଏଣେ କ୍ୟାପିଟାଲ୍ ହସ୍ପିଟାଲ ଶିଶୁରୋଗ ବିଭାଗ ମୁଖ୍ୟ କହିଛନ୍ତି- ସାଧାରଣତଃ ଦୁଇ ବର୍ଷରୁ କମ୍ ବୟସର ପିଲାଙ୍କୁ କଫ୍ ସିରପ୍ ଦିଆଯିବା କଥା ନୁହଁ । କେବଳ ଅତି ଆବଶ୍ୟକ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦିଆଯାଇ ପାରିବ ।

ଯେହେତୁ କେନ୍ଦ୍ର ସରକାରଙ୍କ ଆଡଭାଇଜରି ଆସିଛି, ତେଣୁ ତାକୁ ପାଳନ କରୁନ୍ତୁ । ତେଣେ ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ- ଦୁଇ ରାଜ୍ୟରେ ଶିଶୁ ମୃତ୍ୟୁ ପାଇଁ ଡାଏଥିଲିନ୍ ଗ୍ଲାଇକଲ୍ ଓ ଏଥିଲିନ୍ ଗ୍ଲାଇକଲ୍ ଥିବା କଫ୍ ସିରପ୍ କୁ ଦାୟୀ କରାଯାଉଛି । ଯେହେତୁ ଏଥିରେ ଅପମିଶ୍ରଣ ଓ ସଂକ୍ରମଣର ଅଧିକ ଆଶଙ୍କା ଥାଏ ଓ ଏହା ଶିଶୁମାନଙ୍କ କିଡନୀ ଓ ସ୍ନାୟୁଗତ ସମସ୍ୟା ସୃଷ୍ଟି କରେ । ତେଣୁ କଫ୍ ସିରପ୍ କିଣିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ଜରୁରୀ । ଯେହେତୁ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଶିଶୁଙ୍କ ପାଇଁ ଘାତକ ସାଜିଥିବା କଫ୍ ସିରପ୍ ଓଡ଼ିଶାରେ ଉପଲବ୍ଧ ହେଉନାହିଁ ତେଣୁ ଏହା ରାଜ୍ୟବାସୀଙ୍କ ପାଇଁ ଆଣିଛି ଆଶ୍ୱସ୍ତି ।

## କଥାବାର୍ତ୍ତା ହେବାର ଆଉ କିଛି ବାକି ନାହିଁ, ଅସ୍ତ୍ରଶସ୍ତ୍ର ତ୍ୟାଗ କର: ଅମିତ୍ ଶାହ



ନୂଆଦିଲ୍ଲୀ,୪/୧୦(ନ୍ୟୁ.ଏ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଛତିଶଗଡ଼ ଗସ୍ତ କରିଥିଲେ । ବସ୍ତରରେ, ସେ ମା' ଦନ୍ତେଶ୍ୱରୀ ମନ୍ଦିର ପରିଦର୍ଶନ କରିଥିଲେ । ତା'ପରେ ସେ ବସ୍ତର ଜିଲ୍ଲାର ମୁଖ୍ୟାଳୟ ଜଗଦଲପୁରରେ ବସ୍ତର ଦଶହରା ଲୋକ ମହୋତ୍ସବ ଏବଂ ସ୍ୱଦେଶୀ ମେଳାକୁ ସମ୍ବୋଧିତ କରିଥିଲେ, ଯେଉଁଠାରେ ସେ ନକ୍ସଲମାନଙ୍କୁ ଶେଷ ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଅମିତ ଶାହ ସ୍ପଷ୍ଟ କରିଥିଲେ ଯେ ନକ୍ସଲବାଦୀମାନେ ଏବେ ସେମାନଙ୍କର ଅସ୍ତ୍ରଶସ୍ତ୍ର ଆତ୍ମସମର୍ପଣ କରିବାକୁ ପଡିବ । ସେ ଏହା ମଧ୍ୟ କହିଥିଲେ ଯେ ନକ୍ସଲବାଦ ସମାପ୍ତ କରିବା ପାଇଁ ୩୧ ମାର୍ଚ୍ଚ, ୨୦୨୬ ପର୍ଯ୍ୟନ୍ତ ଏକ ସମୟସୀମା ଧାର୍ଯ୍ୟ କରାଯାଇଛି । ଶାହ ସ୍ପଷ୍ଟ କରିଥିଲେ ଯେ ନକ୍ସଲବାଦୀମାନଙ୍କ ସହିତ ଆଲୋଚନାର କୌଣସି ସମ୍ଭାବନା ନାହିଁ । ସେ କହିଥିଲେ ଯେ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତିକୁ ଗ୍ରହଣ କରିବା ପରେ ସେମାନଙ୍କୁ ସେମାନଙ୍କର ଅସ୍ତ୍ର ଆତ୍ମସମର୍ପଣ କରିବାକୁ ପଡିବ ।

ସେ କହିଥିଲେ ଯେ କିଛି ଲୋକ ନକ୍ସଲବାଦୀମାନଙ୍କ ସହିତ ଆଲୋଚନା ପାଇଁ ଆହ୍ୱାନ କରିଛନ୍ତି । 'ମୁଁ ପୁଣି ଥରେ କହିବାକୁ ଚାହୁଁଛି ଯେ ଛତିଶଗଡ଼ ଏବଂ କେନ୍ଦ୍ର ସରକାର ଉଭୟ ବସ୍ତର ଏବଂ ସମସ୍ତ ନକ୍ସଲ ପ୍ରଭାବିତ ଅଂଚଳର ବିକାଶ ପାଇଁ ପ୍ରତିବଦ୍ଧ । ଏବେ ଆଲୋଚନା କରିବାକୁ କ'ଣ ଅଛି ? ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି କାର୍ଯ୍ୟକାରୀ କରାଯାଇଛି ।' ଆଗକୁ ଆସନ୍ତୁ ଏବଂ ନିଜର ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରନ୍ତୁ । ଅମିତ ଶାହ ଚେତାବନୀ ଦେଇଛନ୍ତି ଯେ ସୁରକ୍ଷା ବାହିନୀ ବସ୍ତରର ଶାନ୍ତି ବିପର୍ଯ୍ୟସ୍ତ କରୁଥିବା ଲୋକଙ୍କୁ ଉଚିତ ଜବାବ ଦେବେ । ଶାହ କହିଛନ୍ତି ଯେ ବର୍ଷ ବର୍ଷ ଧରି ଦିଲ୍ଲୀରେ କିଛି ଲୋକ ଭୁଲ ସୂଚନା ପ୍ରସାର କରୁଛନ୍ତି ଯେ ନକ୍ସଲବାଦ ବିକାଶ ପାଇଁ ଲଢ଼ିବା ପାଇଁ ଜନ୍ମ ହୋଇଥିଲା । କିନ୍ତୁ ମୁଁ ମୋର ଆଦିବାସୀ ଭାଇମାନଙ୍କୁ କହିବାକୁ ଆସିଛି ଯେ ସମଗ୍ର ବସ୍ତର ବିକାଶରୁ ବଂଚିତ ହୋଇଛି । ଏହାର ମୂଳ କାରଣ ହେଉଛି ନକ୍ସଲବାଦ । ବସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଅମିତ ଶାହ କହିଛନ୍ତି ଯେ ନରେନ୍ଦ୍ର ମୋଦୀ ସରକାର ୧୦ ବର୍ଷ ମଧ୍ୟରେ ବିକାଶ କାର୍ଯ୍ୟ ପାଇଁ ଛତିଶଗଡ଼କୁ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ମୁଁ ଆପଣଙ୍କୁ ଆଶ୍ୱସ୍ତି ଦେବାକୁ ଚାହୁଁଛି ଯେ ୩୧ ମାର୍ଚ୍ଚ, ୨୦୨୬ ପରେ ନକ୍ସଲବାଦୀମାନେ ଆପଣଙ୍କ ବିକାଶକୁ ରୋକିପାରିବେ ନାହିଁ । ସେମାନେ ଆପଣଙ୍କ ଅଧିକାରକୁ ରୋକିପାରିବେ ନାହିଁ ।

## ରାତିଅଧରେ ଗାଁରେ ପଶିଲା ଗୋଠଛଡ଼ା ଦନ୍ତା, ଭାଙ୍ଗିଲା ଘର

ବାରିପଦା,୪/୧୦(ନ୍ୟୁ.ଏ): ମୟୂରଭଞ୍ଜଜିଲ୍ଲା ବେତନଟୀ ରେଞ୍ଜରେ ହାତୀ ଉପଦ୍ରବ ଥମିବାର ନା ଧରୁନି । ପୁଣି ଗୁରୁବାର ବିଳମ୍ବିତ ରାତିରେ ଏକ ବଣୁଆ ଗୋଠ ଛଡ଼ା ଦନ୍ତାହାତୀ ଖାଦ୍ୟ ଅନ୍ୱେଷଣରେ ପଶି ଆସି ବୈଶିଙ୍ଗା ଥାନା ଅଧୀନ ସଇତପୁର ପଞ୍ଚାୟତର କୁରାଡ଼ୀକ ଗ୍ରାମରେ ଘର ଭାଙ୍ଗିଦେବା ସହିତ ବ୍ୟାପକ ଧାନଚାଉଳ ଖାଇ ନଷ୍ଟ କରିପକାଇଛିଁସ ଉକ୍ତ ଗ୍ରାମର ଦୀନବନ୍ଧୁ ମହାନ୍ତଙ୍କ ଘର ଭାଙ୍ଗିବା ସହିତ ଘରେ ଗଛିତ ଥିବା ଧାନ, ଚାଉଳ ମଧ୍ୟ ଖାଇଯାଇଛି । ତେବେ ଦୀନବନ୍ଧୁ ନିଜ ବୁଢ଼ୀ ମାଆ, ସ୍ତ୍ରୀ ଓ ୭ବର୍ଷର ପୁଅକୁ ନେଇ ଘରେ ଶୋଇଥିବା ସମୟରେ ରାତି ପ୍ରାୟ ୧ଟା ସମୟରେ ଗାଁରେ ପଶି ତାଙ୍କ ଘର ଭାଙ୍ଗିଥିଲା । ତେବେ ଘର ଭିତରେ ଶୋଇଥିବା ତାଙ୍କ ପରିବାର ହାତୀ ଆସିବା ଶବ୍ଦ ଶୁଣି ଭୟଭୀତ ହୋଇ ଘରୁ ବାହାରି ଦୌଡ଼ି ପଳାଇ ଯାଇ ନିଜ ଜୀବନ ବଞ୍ଚାଇଥିଲେ । ତେବେ ଖବର ପାଇ ଗତକାଲି ରାତିରେ ବନବିଭାଗ ପକ୍ଷରୁ ଗଜସାଥୀ ସଚ୍ଚିଦାନନ୍ଦ ମହାନ୍ତ ଓ ସ୍ଥାନୀୟ ଲୋକ ହାତୀକୁ ଗାଁରୁ ଘୋଉଡ଼ାଇବା ସହିତ ତା ଉପରେ ସମ୍ପୂର୍ଣ୍ଣ ନଜର ରଖି କେମିତି ଆଉ ଅଧିକ ଧନଜୀବନ ନଷ୍ଟ ନହେବ ସେଥିପ୍ରତି ସଜାଗ ରହିଥିଲେ । ତେବେ କୁରାଢ଼ିକ ଅଞ୍ଚଳରେ ଚଳିତବର୍ଷ ବାରମ୍ବାର ହାତୀ ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି ଗରିବ ଦିନମଜୁରିଆଙ୍କ ଆର୍ଥିକ ସ୍ଥିତିକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଉଛି । ଅନ୍ୟପଟେ ବନବିଭାଗ ପକ୍ଷରୁ ଉଚିତ ସମୟରେ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି । ତେବେ ବାରମ୍ବାର ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଉଛି ।

## ବନ୍ଧକ ମୁକ୍ତି ପଦକ୍ଷେପ ନେଇ ଟ୍ରମ୍ପଙ୍କୁ ମୋଦୀଙ୍କ ପ୍ରଶଂସା



ନୂଆଦିଲ୍ଲୀ,୪/୧୦(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗାଜାରେ ଚାଲିଥିବା ଶାନ୍ତି ପ୍ରୟାସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱକୁ ସମର୍ଥନ ଜଣାଇଛନ୍ତି । ଟ୍ରମ୍ପ କହିଛନ୍ତି, ଗାଜାରେ ଶାନ୍ତି ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛି । ଆମେ ବନ୍ଧକଙ୍କ ମୁକ୍ତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛୁ । ଗାଜାରେ ଶାନ୍ତି ପ୍ରୟାସ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଗାଜାରେ ଶାନ୍ତି ପ୍ରୟାସରେ ନିର୍ଣ୍ଣାୟକ ପ୍ରଗତି ଆଣିବାରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ନେତୃତ୍ୱକୁ ଆମେ ସ୍ୱାଗତ କରୁଛୁ । ବନ୍ଧକଙ୍କ ମୁକ୍ତିର ସଙ୍କେତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଭାରତ ଏକ ସ୍ଥାୟୀ ଏବଂ ନ୍ୟାୟପୂର୍ଣ୍ଣ ଶାନ୍ତି ପାଇଁ ସମସ୍ତ ପ୍ରୟାସକୁ ଦୃଢ଼ ସମର୍ଥନ ଜାରି ରଖିବ । ଗାଜାରେ ଅସ୍ତ୍ରବିରତି ପାଇଁ ଅନ୍ତର୍ଜାତୀୟ ସମ୍ପ୍ରଦାୟ ପ୍ରୟାସ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମର୍ଥନ ଆସିଛି । ଭାରତ ଆରମ୍ଭରୁ କହିଆସୁଛି ଯେ, ଇସ୍ରାଏଲ-ପାଲେଷ୍ଟାଇନ ବିବାଦର ସମାଧାନ କେବଳ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ହୋଇପାରିବ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି, ଯଦି ହମାସ୍ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ଗାଜା ଷ୍ଟ୍ରିପ୍ ପାଇଁ ପ୍ରସ୍ତାବିତ ଶାନ୍ତି ଚୁକ୍ତିରେ ରାଜି ନହୁଏ, ତେବେ ଏହି ଉଗ୍ରବାଦୀ ଗୋଷ୍ଠୀ ଅଧିକ ଆକ୍ରମଣର ସମ୍ମୁଖୀନ ହେବ । ଟ୍ରମ୍ପ କହିଛନ୍ତି, ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ହମାସ୍ ସହିତ ଏକ ଚୁକ୍ତି ହେବା ଆବଶ୍ୟକ । ସେ କହିଛନ୍ତି, ପ୍ରତ୍ୟେକ ଦେଶ ସ୍ୱାକ୍ଷର କରିଛନ୍ତି । ଯଦି ଏହି ସମୟରେ ଚୁକ୍ତି ବିଫଳ ହୁଏ, ତେବେ ଏବେ ହମାସ୍ ଯେଉଁ ବିପର୍ଯ୍ୟୟର ସମ୍ମୁଖୀନ ହେବ ତାହା ପୂର୍ବରୁ କେବେ ମଧ୍ୟ ଦେଖି ନଥିବ । ଏହା ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବରୁ ଟ୍ରମ୍ପଙ୍କୁ ମଧ୍ୟ ପ୍ରଶଂସା କରିଥିଲେ । ମୋଦୀ କହିଥିଲେ, 'ଆମେ ଗାଜାରେ ସଂଘର୍ଷ ସମାପ୍ତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରୟାସକୁ ସ୍ୱାଗତ କରୁଛୁ । ଟ୍ରମ୍ପଙ୍କ ଏହି ପ୍ରୟାସ ପାଲେଷ୍ଟାଇନ ଏବଂ ଇସ୍ରାଏଲୀ ଲୋକଙ୍କ ପାଇଁ ଏବଂ ପଶ୍ଚିମ ଏସୀୟ କ୍ଷେତ୍ର ପାଇଁ ଦୀର୍ଘସ୍ଥାୟୀ ଶାନ୍ତି, ସୁରକ୍ଷା ଏବଂ ବିକାଶର ପଥ ପ୍ରଦାନ କରେ ।

## ଦୁର୍ଗା ମେଢ଼ ପାଇଁ ସରକାରଙ୍କ ୭ କୋଟିର ଭେଟି



ଭୁବନେଶ୍ୱର,୪/୧୦(ଆ.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ଦଶହରା ଦୁର୍ଗାମେଢ଼କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଏନେଇ ଦୁର୍ଗାମେଢ଼ ଗୁଡ଼ିକୁ ୩ ଗୋଟି ବର୍ଗରେ ବିଭକ୍ତ କରାଯାଇ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । 'କ' ବର୍ଗରେ ରହିବ ଐତିହ୍ୟ ସମ୍ପନ୍ନ ଦୁର୍ଗାମେଢ଼ – ଏହି ବର୍ଗରେ ୨୧୫ଟି ମେଢ଼କୁ ୨ କୋଟି ୧୭ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ । ଅର୍ଥାତ ପ୍ରତ୍ୟେକ ଐତିହ୍ୟ ସମ୍ପନ୍ନ ମେଢ଼କୁ ମିଳିବ ୧ ଲକ୍ଷ ୧ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି । ସେହିପରି 'ଖ' ବର୍ଗରେ ରହିବ ୭୫ ବର୍ଷ ପୁରୁଣା ଦୁର୍ଗାମେଢ଼ – ଏହି ବର୍ଗରେ ୧୯୭ଟି ମେଢ଼କୁ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ । ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୭୫ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । 'ଗ' ବର୍ଗ : ୫୦ ବର୍ଷ ପୁରୁଣା ଦୁର୍ଗାମେଢ଼ – ଏହି ବର୍ଗରେ ୬୭୩ଟି ମେଢ଼କୁ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯିବ । ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ରାଜ୍ୟର ସମୁଦାୟ ୧ ହଜାର ୮୫ଟି ଦଶହରା ଦୁର୍ଗାମେଢ଼କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି ।

## ଭିମସାର୍‌ର ଶଯ୍ୟାସଂଖ୍ୟା ୨୬୫୦କୁ ବୃଦ୍ଧି ପାଇବ: ଧର୍ମେନ୍ଦ୍ର

ସମ୍ବଲପୁର, ୪/୧୦(ଆ.ପ୍ର): ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ (ଭିମସାର୍)ରେ ମେଡିକାଲ ଶଯ୍ୟାସଂଖ୍ୟା ୧୪୮୪ରୁ ୨୬୫୦କୁ ବୃଦ୍ଧି କରାଯିବ । ଏଥିପାଇଁ ୧୬୧୦ କୋଟି ଟଙ୍କା ଖର୍ଚ୍ଚ ହେବ । ପ୍ରଧାନମନ୍ତ୍ରୀ ନିକଟରେ 'ସେବା ପର୍ବ - ୨୦୨୫' ଅବସରରେ ଯୋଗ ଦେଇ ଝାରସୁଗୁଡ଼ାଠାରେ ଭିମସାର୍‌କୁ ବିଶ୍ୱସ୍ତରୀୟ ସୁପର ସ୍ପେସାଲିଟି ଚିକିତ୍ସାଳୟରେ ରୂପାନ୍ତରଣ କରିବା ପାଇଁ ଘୋଷଣା କରିଥିଲେ । ଉପରୋକ୍ତ ନିଷ୍ପତ୍ତି ଏହି ଘୋଷଣାର ଅଂଶ ବିଶେଷ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଦେବେଇପାଲିଠାରେ ଧନକଉଡ଼ା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଭିତ୍ତିପ୍ରସ୍ତର ସ୍ଥାପନ ତଥା ନୂଆ ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ, ସ୍ୱାସ୍ଥ୍ୟ ହେଉଛି ମାନବ ଜୀବନର ସମ୍ପଦ ତଥା ପ୍ରତ୍ୟେକ ବ୍ୟକ୍ତିର ଅଧିକାର ।

ଲୋକାର୍ପିତ 'ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ରରେ ଦନ୍ତ ଚିକିତ୍ସା ସହ ଅନ୍ୟାନ୍ୟ ଚିକିତ୍ସା ସେବା ସୁବିଧା ରହିଛି । ଏହି କେନ୍ଦ୍ରଗୁଡ଼ିକ ଲୋକଙ୍କୁ ଉନ୍ନତ ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ । ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ବିଧାୟକ ନାଉରୀ ନାୟକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ନିମନ୍ତେ ୧୬ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ନୂତନ ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ର ୮୨ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଛି । ଉଦ୍‌ଘାଟିତ ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷାଗାର ଏବଂ ଟିକା ସଂରକ୍ଷଣ ଗୃହ ଆଦିର ବ୍ୟବସ୍ଥା ରହିଛି ।

## ଭଣ୍ଡ ସନ୍ନ୍ୟାସୀରୁ ଘରଜ୍ୱାଇଁ : ପାଣ୍ଡିଆନଙ୍କୁ ତେରଚ୍ଛା ବାଣ

ଭୁବନେଶ୍ୱର,୪/୧୦(ଆ.ପ୍ର): ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଥିବା ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ମୁଣ୍ଡବ୍ୟଥା ବଢ଼ାଇଲେଣି ବରିଷ୍ଠ ନେତ୍ରୀ ଶ୍ରୀମୟୀ ମିଶ୍ର । ପୌରାଣିକ ଓ କାଳ୍ପନିକ କାହାଣୀ ଆଳରେ ଶ୍ରୀମୟୀ କ୍ରମାଗତ ଭାବେ ପାଣ୍ଡିଆନଙ୍କୁ ବୁଲେଇବଙ୍କେଇ ଟାର୍ଗେଟ୍ କରିବାରେ ଲାଗିଥିବାବେଳେ ଆଜି ଘରଜ୍ୱାଇଁ ପ୍ରସଙ୍ଗ ଉଠାଇ ପାଣ୍ଡିଆନ ଓ ତାଙ୍କ ପତ୍ନୀ ସୁଜାତାଙ୍କୁ ମଧ୍ୟ ତେରଚ୍ଛା ବାଣ ମାରିଛନ୍ତି । ବିଜେଡିରୁ ନିଲମ୍ବିତ ହେବାର କିଛି ଘଣ୍ଟା ମଧ୍ୟରେ ଶ୍ରୀମୟୀ ନିଜର ଦଳୀୟ ସଦସ୍ୟତା ନବୀକରଣ ନମ୍ବର ମାଗି ବିଜେଡି ନେତୃତ୍ୱଙ୍କୁ ଅଡୁଆରେ ପକାଉଛନ୍ତି । ଇତିମଧ୍ୟରେ ୧୦ଦିନ ବିତିଯାଇଥିଲେ ବି ଶ୍ରୀମୟୀଙ୍କ ସଦସ୍ୟତା ନମ୍ବରକୁ ସାର୍ବଜନୀନ କରିବାରେ ବିଜେଡି ସକ୍ଷମ ହୋଇପାରିନାହିଁ । ସେପଟେ, ଗଣତାନ୍ତ୍ରିକ ଉପାୟରେ ବିଜେଡିର ଆଭ୍ୟନ୍ତରୀଣ ସାଂଗଠନିକ ନିର୍ବାଚନ ହୋଇନଥିବାର ଅଭିଯୋଗ ଜାତୀୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ଜଣାପଡ଼ିଛି ।

## ସିବିଆଇ ତଦନ୍ତ ଦାବିରେ ୬ରେ ବିକ୍ଷୋଭ କରିବ ବିଜେଡି, କଂଗ୍ରେସ ବି କଲା ସମର୍ଥନ

ଭୁବନେଶ୍ୱର,୪/୧୦(ଆ.ପ୍ର): ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଦାବି ଜୋରଦାର କରିଛନ୍ତି । ଏହାସହିତ ଓପିଆରବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ଓ ଗୃହ ସଚିବ ସତ୍ୟବ୍ରତ ସାହୁଙ୍କୁ ତଦନ୍ତ ପରିସରଭୁକ୍ତ କରିବା ନିମନ୍ତେ ବିଜେଡି ଦାବି କରିଥିବାବେଳେ କଂଗ୍ରେସ ମଧ୍ୟ ଅନୁରୂପ ଦାବି ଦୋହରାଇଛି । ସିବିଆଇ ତଦନ୍ତ ନହେଲେ ବିଜେଡି ଆସନ୍ତା ୬ତାରିଖରେ ରାଜରାସ୍ତାରେ ବିକ୍ଷୋଭ କରିବ ବୋଲି ଚେତାବନୀ ଦେଇଛି । ତେବେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି ଓ ଦୋଷୀ ଯିଏ ବି ହେଉ ତାକୁ ଜେଲ ପଠାଯିବ ବୋଲି ଶାସକ ବିଜେପି କହିଛି । ଅନ୍ୟପକ୍ଷରେ ମୁଖ୍ୟ ସଚିବ ମନୋଜ ଆହୁଜା ଆଜି ସନ୍ଧ୍ୟାରେ ଏକ ଉଚ୍ଚସ୍ତରୀୟ ବୈଠକରେ ପୁଲିସ ଏସଆଇ ନିଯୁକ୍ତି ଅନିୟମିତତାର ସମୀକ୍ଷା କରିଛନ୍ତି ।

ଶଙ୍ଖଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ପ୍ରୀତିରଞ୍ଜନ ଘଡ଼େଇ କ୍ରାଇମବ୍ରାଂଚ ଦ୍ୱାରା ଏସଆଇ ପରୀକ୍ଷା ଦୁର୍ନୀତି ତଦନ୍ତ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ଉଠାଇଛନ୍ତି । ତଦନ୍ତ ପ୍ରକ୍ରିୟାକୁ ନେଇ ସମସ୍ତେ ସନ୍ଦେହ କରୁଛନ୍ତି । ଓପିଆରବି ଅଧ୍ୟକ୍ଷ ଓ ଗୃହ ବିଭାଗର ସଚିବଙ୍କୁ କାହିଁକି ତଦନ୍ତଭୁକ୍ତ କରାଯାଇ ନାହିଁ । ଢେଙ୍କାନାଳ ଲିଙ୍କ୍ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯଦି ସ୍ୱଚ୍ଛ ତେବେ ଓପିଆରବି ଅଧ୍ୟକ୍ଷ ଓ ଗୃହ ବିଭାଗ ସଚିବଙ୍କୁ ତଦନ୍ତ ପରିସରଭୁକ୍ତ କରାନ୍ତୁ । କ୍ରାଇମବ୍ରାଂଚ ତଦନ୍ତ କରୁଛି କିନ୍ତୁ ଯିଏ ତଦନ୍ତ କରୁଛନ୍ତି ସେ ଓପିଆରବି ଅଧ୍ୟକ୍ଷଙ୍କ ଘନିଷ୍ଠ ବନ୍ଧୁ । ତଦନ୍ତ କିଭଳି ହେବ ଓ ଯୁବବର୍ଗ କିଭଳି ନ୍ୟାୟ ପାଇବେ ବୋଲି ସେ ପ୍ରଶ୍ନ କରିବା ସହ ତୁରନ୍ତ ଏହି ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର ପାଇଁ ଦାବି କରିଛନ୍ତି । ସେହିପରି ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ, ଓପିଆରବି ଅଧ୍ୟକ୍ଷଙ୍କ ସୁଶାନ୍ତ ନାଥଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଲେ ବା ତାଙ୍କ ଦେହରେ ହାତ ମାରିଲେ ସେ ସରକାରଙ୍କ ସବୁ ପୋଲ୍ ଖୋଲିଦେବେ । ସେଥିପାଇଁ ସରକାର କାର୍ଯ୍ୟାନୁଷ୍ଠାନ ନେଇପାରୁନାହାନ୍ତି । ତୁରନ୍ତ ସିବିଆଇ ତଦନ୍ତ ନହେଲେ ଯୁବ ଓ ଛାତ୍ର ବିଜେଡି ଆସନ୍ତା ୬ତାରିଖରେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବ । କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ଦେବାଶୀଷ ନାୟକ, ସୋନାଲି ସାହୁ, ମନିଷାଦାସ ପଟ୍ଟନାୟକ ଓ ଛାତ୍ର ନେତା ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି ଯେ, ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ୩୦୦ କୋଟି ଟଙ୍କାର ସ୍କାମ । ଚାକିରି ଦେବା ପାଇଁ ଜଣେ ଲେଖାଏଁ ପରୀକ୍ଷାର୍ଥୀଙ୍କଠୁ ୫୦ ଲକ୍ଷ ଟଙ୍କା ନିଆଯାଇଛି । ସୋନାଲି ସାହୁ କହିଛନ୍ତି, ଫଂଚସଫ୍ଟ କମ୍ପାନୀର ମୁଖ୍ୟ ଶଙ୍କର ପ୍ରୁଷ୍ଟି ହେଉଛନ୍ତି ବିଜେପିର ଜଣେ ଟାଣୁଆ ନେତା । ତାଙ୍କର ସମ୍ପର୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି । ସେହିପରି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ନିଯୁକ୍ତି ଦୁର୍ନୀତି ଓଡ଼ିଶାରେ ଏକ ବ୍ୟବସାୟରେ ପରିଣତ ହୋଇଯାଇଛି । ପୂର୍ବ ଓ ବର୍ତ୍ତମାନର ସରକାର ଦଲାଲଙ୍କ ସହ ମିଶି ଏହି ଦୁର୍ନୀତି ଚଳାଇଛନ୍ତି । ଆମେ ଆଗରୁ ଦଲାଲଙ୍କ ବିଷୟରେ ସତର୍କ କରାଇଥିଲୁ, କିନ୍ତୁ ସରକାର ନିରବ ରହି ଚାକିରି ବିକ୍ରିକୁ ପ୍ରୋତ୍ସାହନ ଦେଇଛନ୍ତି । ତେଣୁ ପରୀକ୍ଷାର୍ଥୀଙ୍କୁ ମାସିକ ୨୦ହଜାର ଟଙ୍କାର ଭତ୍ତା ସହ କ୍ଷତିପୂରଣ ଏବଂ ମାମଲାର ତଦନ୍ତ ସିବିଆଇ ଦ୍ୱାରା କରିବାକୁ କଂଗ୍ରେସ ଦାବି କରିଛି ।

ବିରୋଧୀ ଦଳର ଅଭିଯୋଗକୁ ଖଣ୍ଡନ କରି ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ଯେ, ୨୪ ବର୍ଷ ଧରି ବିଜେଡି ଶାସନରେ ଚାଲିଥିବା ଏହା ଏକ ସଂଗଠିତ ଅପରାଧ । ଏତେ ବଡ଼ ଅପରାଧକୁ ଓଡ଼ିଶା ପୁଲିସ ଧରିବା ହେଉଛି ସରକାରଙ୍କ ସଫଳତା । କ୍ରାଇମବ୍ରାଞ୍ଚ କାହାକୁ ଛାଡ଼ିବ ନାହିଁ । ଏହା ବିଜେଡି ବେଳର କ୍ରାଇମବ୍ରାଂଚ ନୁହେଁ । ଦୋଷୀ ଯେଉଁ ପଦବୀରେ ଥାଉ, ଜେଲ ଯିବ । ବିଜେଡି ଶାସନରେ ତୃତୀୟ ମହଲାରୁ ସାର୍ଟିଫିକେଟ ଓ ଚାକିରି ବିକ୍ରି ହେଉଥିଲା । ଏବେ ସେମାନେ ନ୍ୟାୟ ଦେବାର କଥା କହୁଛନ୍ତି ବୋଲି ଶ୍ରୀ ମହାପାତ୍ର କଟାକ୍ଷ କରିଛନ୍ତି । ମୁଖ୍ୟ ସଚିବ ମନୋଜ ଆହୁଜା ସନ୍ଧ୍ୟାରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ପରିସ୍ଥିତିର ସମୀକ୍ଷା କରିଛନ୍ତି ।



ସେଇଠୁ
# ଆରମ୍ଭ
SEITHO ARAMBHA
ରବିବାର, ୫ ଅକ୍ଟୋବର, ୨୦୨୫ : ବାଲେଶ୍ୱର : ପୃଷ୍ଠା -୮





## ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ: ଭାରତର ଜବରଦସ୍ତ ବିଜୟ

ଅହମଦାବାଦ, ୪/୧୦(ନ୍ୟୁ.ଏ): ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟକୁ ଭାରତ ଗୋଟିଏ ଇନିଂସ ଓ ୧୪୦ ରନରେ ଜିତି ନେଇଛି । ଗୁରୁବାର ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଥିବା ବେଳେ ଶନିବାର ଟୀ' ପାନ ବିରତି ପୂର୍ବରୁ ଏହା ଶେଷ ହୋଇଯାଇଛି । ଅର୍ଥାତ ଭାରତ ଅହମଦାବାଦ ଟେଷ୍ଟକୁ ଅଢ଼େଇ ଦିନରେ ଶେଷ କରି ଦେଇଛି । ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୧୬୨ କରିଥିବା ବେଳେ ଭାରତ ୫ ୱିକେଟ ହରାଇ ୪୪୮ ରନ କରିବା ପରେ ପାଳି ଘୋଷଣା କରିଥିଲା । ପ୍ରଥମ ଇନିଂସରେ ୨୮୬ ରନ ପଛରେ ଥିବା ଇଣ୍ଡିଜ ଟିମ ଦ୍ୱିତୀୟ ପାଳିରେ ମାତ୍ର ୧୪୬ ରନ କରି ଅଲଆଉଟ ହୋଇଯାଇଛି । ବ୍ୟାଟିଂ ବେଳେ ଅପରାଜିତ ୧୦୯ ରନ ଓ ଦ୍ୱିତୀୟ ଇନିଂସରେ ୪ ୱିକେଟ ନେଇଥିବା ରବୀନ୍ଦ୍ର ଜାଡେଜା ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି । ତେବେ ଭାରତ ଏହି ବଡ଼ ବିଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ(୨୦୨୫-୨୭)ର ପଏଣ୍ଟ ଟେବୁଲରେ କେତେ ନମ୍ବର ସ୍ଥାନରେ ପହଞ୍ଚିଛି, ତା' ଉପରେ ଏବେ ସମସ୍ତଙ୍କ ନଜର ରହିଛି । ଭାରତର ବିଜୟ ପରେ ଆଇସିସି ପକ୍ଷରୁ ଅପଡେଟ ହୋଇଥିବା ପଏଣ୍ଟ ଟେବୁଲରେ ଭାରତ ପୂର୍ବ ଭଳି ତୃତୀୟ ସ୍ଥାନରେ ରହିଛି । ପଏଣ୍ଟ ଟେବୁଲର ୧ନଂ ସ୍ଥାନରେ ଅଷ୍ଟ୍ରେଲିଆ ଓ ଦୁଇ ନମ୍ବରରେ ଶ୍ରୀଲଙ୍କା ରହିଛି ।



ଗିଲଙ୍କ କ୍ୟାପ୍ଟେନ୍ସିରେ ୨୦୨୫-୨୭ ଅଭିଯାନ ଆରମ୍ଭ କରିଥିବା ଭାରତ ପ୍ରଥମେ ଇଂଲଣ୍ଡ ମାଟିରେ ୫ଟି ଟେଷ୍ଟ ଖେଳିଥିଲା । ଏହି ସିରିଜ ୨-୨ରେ ବରାବର ରହିଥିଲେ । ଏବେ ଘରୋଇ ମାଟିରେ ଦଳ ଇଣ୍ଡିଜ ବିପକ୍ଷରେ ୨ଟି ଟେଷ୍ଟ ଖେଳିବ । ପ୍ରଥମ ଟେଷ୍ଟକୁ ଭାରତ ଜିତି ନେଇଛି । ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୦ରୁ ଦିଲ୍ଲୀରେ ଖେଳାଯିବ । ଭାରତ ବିଜୟ ସତ୍ତ୍ୱେ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି । ଭାରତର ବିଜୟ ପ୍ରତିଶତ ପଏଣ୍ଟ ୫୫.୫୬ ରହିଛି । ପ୍ରଥମ ସ୍ଥାନରେ ଥିବା ଅଷ୍ଟ୍ରେଲିଆ ୩ଟି ମ୍ୟାଚ୍ ଖେଳି ୩ଟିରେ ଜିତିଛି । ଦଳର ବିଜୟ ପ୍ରତିଶତ ୧୦୦% ରହିଛି । ଶ୍ରୀଲଙ୍କା ଦୁଇଟି ଟେଷ୍ଟ ଖେଳିଥିବା ବେଳେ ଗୋଟିଏ ଜିତିଛି ଓ ଗୋଟିଏ ଡ୍ର ରହିଛି । ତେଣୁ ଶ୍ରୀଲଙ୍କାର ବିଜୟ ପ୍ରତିଶତ ୬୬.୬୭ ପଏଣ୍ଟ । ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ଭାରତ ପରେ ଇଂଲଣ୍ଡ(୪୩.୩୩) ଓ ବାଂଲାଦେଶ(୧୬.୬୭) ରହିଛି । ୱେଷ୍ଟଇଣ୍ଡିଜ ୨୦୨୫-୨୭ରେ ଏଯାଏ ୪ଟି ଟେଷ୍ଟ ଖେଳିଛି । କିନ୍ତୁ ଦଳକୁ ୪ଟି ଯାକ ଟେଷ୍ଟ ହାରିବାକୁ ପଡ଼ିଛି । ଭାରତ ପୂର୍ବରୁ ୱେଷ୍ଟଇଣ୍ଡିଜ ୩ଟି ଟେଷ୍ଟ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା । ଘରୋଇ ମାଟିରେ ବି ଇଣ୍ଡିଜ ଟିମକୁ ୩ଟି ଯାକ ଟେଷ୍ଟରେ ହାରିବାକୁ ପଡ଼ିଥିଲା । ଏବେ ଭାରତ ବିପକ୍ଷ ଟେଷ୍ଟ ଅଭିଯାନ ମଧ୍ୟ ପରାଜୟରୁ ଆରମ୍ଭ କରିଛି ରୋଷ୍ଟନ ଚେଜଙ୍କ ଦଳ । ଅହମଦାବାଦରେ ଖେଳାଯାଉଥିବା ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ୧୪୦ ରନ୍‌ରେ ଟିମ୍ ଇଣ୍ଡିଆ ବିଜୟୀ ହୋଇଛି । ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଚମତ୍କାର ପ୍ରଦର୍ଶନ କରିଛି । ପ୍ରଥମେ ଟିମ୍ ଇଣ୍ଡିଆ ୱେଷ୍ଟଇଣ୍ଡିଜ୍‌କୁ ୧୬୨ ରନ୍‌ରେ ସୀମିତ ରଖିଥିଲା । ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଟିମ୍ ଇଣ୍ଡିଆ ୨୮୬ ରନ୍‌ର ଲିଡ୍ ନେଇ ଇନିଂସ୍ ଘୋଷଣା କରିଥିଲା । ତେବେ ଟିମ୍ ଇଣ୍ଡିଆର ମାଷ୍ଟରପ୍ଲାନ୍ କାମ ଦେଇଛି । ଅଢ଼େଇ ଦିନରେ ପ୍ରଥମ ଟେଷ୍ଟ ଶେଷ ହୋଇଛି । ଟିମ୍ ଇଣ୍ଡିଆ ୧୪୦ ରନ୍‌ରେ ବୃହତ ବିଜୟ ହାସଲ କରିଛି । ଦ୍ୱିତୀୟ ଇନିଂସରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜ୍ ୧୪୬ରେ ଅଲ୍ ଆଉଟ୍ ହୋଇଯାଇଥିଲା । ଭାରତୀୟ ଦଳ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଥିଲା । କେଏଲ ରାହୁଲ, ଧ୍ରୁବ ଜୁରେଲ ଏବଂ ରବିନ୍ଦ୍ର ଜାଡେଜା ଶତକ ହାସଲ କରିଥିଲେ । ଦ୍ୱିତୀୟ ଦିନ ଶେଷରେ, ଟିମ୍ ଇଣ୍ଡିଆର ସ୍କୋର ୫ ୱିକେଟ ହରାଇ ୪୪୮ କରିଥିଲା । ତୃତୀୟ ଦିନର ଆରମ୍ଭରେ, ଭାରତ ୨୮୬ ରନର ଅଗ୍ରଣୀ ହାସଲ କରି ହଠାତ୍ ଇନିଂସ ଘୋଷଣା କରିଥିଲା ।

## ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଓ ଟି-୨୦ ପାଇଁ ଘୋଷଣା ହେଲା ଦଳ: ଶ୍ରେୟସ ଉପଅଧିନାୟକ



ନୂଆଦିଲ୍ଲୀ,୪/୧୦(ନ୍ୟୁ.ଏ): ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଓ ଟି-୨୦ ସିରିଜ ପାଇଁ ଆଜି ସ୍କ୍ୱାଡ ଘୋଷଣା କରିଛି ବିସିସିଆଇ । ପୂର୍ବ ନିଷ୍ପତ୍ତି ଅନୁଯାୟୀ ଦିନିକିଆରେ ଭାରତର ନୂଆ ଅଧିନାୟକ ଭାବେ ଶୁବମନ ଗିଲଙ୍କୁ ଦାୟିତ୍ୱ ଦିଆଯାଇଛି । ତାଙ୍କ ଦିନିକିଆ ଯୁଗର ଆରମ୍ଭ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରୁ ଆରମ୍ଭ ହେବ । ଅକ୍ଟୋବର ୧୯ରୁ ୨୯ ମଧ୍ୟରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ଟି ଦିନିକିଆ ଖେଳାଯିବ । ଦିନିକିଆ ଟିମର ଅଧିନାୟକ ଗିଲ ହୋଇଥିବା ବେଳେ ଉପ ଅଧିନାୟକ ଭାବେ ପ୍ରଥମଥର ପାଇଁ ନିଯୁକ୍ତି ପାଇଛନ୍ତି ଶ୍ରେୟସ ଆୟର । ସେହିପରି ଦଳରେ ରୋହିତ ଶର୍ମା ଓ ବିରାଟ କୋହଲି ରହିଛନ୍ତି । ଯଶପ୍ରୀତ ବୁମ୍ରାଙ୍କୁ ଦିନିକିଆ ସିରିଜରେ ବିଶ୍ରାମ ଦିଆଯାଇଛି । କିନ୍ତୁ ଏହି ସିରିଜ ପରେ ଆରମ୍ଭ ହେବାକୁ ଥିବା ୫ଟିକିଆ ଟି-୨୦ରେ ସେ ନଜର ଆସିବେ । ଆହତ ସମସ୍ୟା କାରଣରୁ ଋଷଭ ପନ୍ତଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜରେ ସାମିଲ କରାଯାଇ ନାହିଁ । ତାଙ୍କ ବଦଳରେ ଧ୍ରୁବ ଜୁରେଲଙ୍କୁ କେଏଲ ରାହୁଲଙ୍କ ସହ ଦ୍ୱିତୀୟ ୱିକେଟ କିପର ଭାବେ ସ୍କ୍ୱାଡରେ ରଖାଯାଇଛି । ମହମ୍ମଦ ଶାମିଙ୍କୁ ପୁଣି ନିରାଶ ହେବାକୁ ପଡ଼ିଛି । କିନ୍ତୁ ମହମ୍ମଦ ସିରାଜଙ୍କୁ ଦିନିକିଆ ସ୍କ୍ୱାଡରେ ରଖାଯାଇଛି ।

ଏସିଆ କପ ଫାଇନାଲ ପୂର୍ବରୁ ଆହତ ହୋଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଉଭୟ ଦିନିକିଆ ଓ ଟି-୨୦ ସିରିଜ ପାଇଁ ଘୋଷଣା ହୋଇଥିବା ସ୍କ୍ୱାଡରେ ନାହାନ୍ତି । ତାଙ୍କ ବଦଳରେ ଅନ୍ୟତମ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଉଭୟ ଟି-୨୦ ଓ ଦିନିକିଆ ସିରିଜରେ ସାମିଲ କରାଯାଇଛି । ରବୀନ୍ଦ୍ର ଜାଡେଜା ଟି-୨୦ରୁ ଅବସର ନେଇ ସାରିଥିବା ବେଳେ ତାଙ୍କୁ ଦିନିକିଆ ସ୍କ୍ୱାଡରେ ସାମିଲ କରା ନଯିବା ସମସ୍ତଙ୍କୁ ଚକିତ କରିଛି । ତାଙ୍କ ବଦଳରେ ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ଅଲରାଉଣ୍ଡର ଭାବେ ଦିନିକିଆ ସିରିଜରେ ରହିଛନ୍ତି । ଏମାନଙ୍କ ବ୍ୟତୀତ ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା, କୁଲଦୀପ ଯାଦବ ଓ ଯଶସ୍ୱୀ ଜୈସୱାଲ ସ୍କ୍ୱାଡରେ ରହିଛନ୍ତି । ଦିନିକିଆ ସ୍କ୍ୱାଡ: ଶୁବମନ ଗିଲ(ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର(ଉପ ଅଧିନାୟକ) କେଏଲ ରାହୁଲ(ୱିକେଟ କିପର), ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂହ, ଧ୍ରୁବ ଜୁରେଲ(ୱିକେଟ କିପର) ଓ ଯଶସ୍ୱୀ ଜୈସୱାଲ । ଟି-୨୦ ସ୍କ୍ୱାଡ: ସୂର୍ଯ୍ୟ କୁମାର ଯାଦବ(ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ(ଉପ ଅଧିନାୟକ), ତିଳକ ବର୍ମା, ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ, କୁଳଦୀପ ଯାଦବ, ହର୍ଷିତ ରାଣା, ସଞ୍ଜୁ ସାମସନ(ୱିକେଟ କିପର), ରିଙ୍କୁ ସିଂହ ଓ ୱାଶିଂଟନ ସୁନ୍ଦର ।

## ରୋସ୍‌ନାରାଙ୍କ ଅବସର

ଭୁବନେଶ୍ୱର,୪/୧୦(ଆ.ପ୍ର): ପୂର୍ବତନ ଅନ୍ତର୍ଜାତିକ ମହିଳା କ୍ରିକେଟର ତଥା ଅଲରାଉଣ୍ଡର ରୋସ୍‌ନାରା ପରବିନ୍ କ୍ରିକେଟର ସବୁ ଫର୍ମାଟରୁ ଅବସର ଗ୍ରହଣ କରିଛନ୍ତି । ଚଳିତ ମାସ ପହିଲାରେ (ବୁଧବାର) ସେ ଆନୁଷ୍ଠାନିକ ଭାବେ ଏହି ଘୋଷଣା କରିଛନ୍ତି । ଭାରତୀୟ ଜାତୀୟ ଦଳ ସମେତ ଘରୋଇ ଓଡ଼ିଶା ଦଳ ପାଇଁ ଉଭୟ ଏକଦିବସୀୟ ଓ ଟି-୨୦ ଫର୍ମାଟ୍‌ରେ ତାଙ୍କର ବିଶେଷ ଅବଦାନ ରହିଛି । ୧୯୯୨ ମସିହା ମେ' ୪ ତାରିଖରେ ବଲାଙ୍ଗୀରରେ ଜନ୍ମଗ୍ରହଣ କରିଥିବା ରୋସ୍‌ନାରା ୨୦୧୦ରେ ୧୯ବର୍ଷରୁ କମ୍ ଓଡ଼ିଶା ଦଳରେ ସ୍ଥାନ ପାଇ କ୍ରିକେଟ୍ କ୍ୟାରିୟର ଆରମ୍ଭ କରିଥିଲେ । ୨୦୧୧ରେ ସେ ଓଡ଼ିଶାର ବରିଷ୍ଠ ମହିଳା ଦଳରେ ସ୍ଥାନ ପାଇଥିଲେ । ରୋସ୍‌ନାରା ୧୯ବର୍ଷରୁ କମ୍ ଦଳରେ ସ୍ଥାନ ପାଇ ରାଜ୍ୟ ପାଇଁ ୭ଟି ଏକଦିବସୀୟ ମ୍ୟାଚ୍, ବରିଷ୍ଠ ଓଡ଼ିଶା ମହିଳା ଦଳରେ ୪୪ଟି ଟି-୨୦ ମ୍ୟାଚ୍ ସମେତ ୩୪ଟି ଏକଦିବସୀୟ ଖେଳିଛନ୍ତି । ଏହା ବ୍ୟତୀତ ସେ ୩ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ । ୨୦୧୩ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ମହିଳା ବିଶ୍ୱକପ୍ (ଏକଦିବସୀୟ ମ୍ୟାଚ) ଖେଳିଥିବା ବେଳେ ୨୦୧୨ରେ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ଓ ଶ୍ରୀଲଙ୍କା ବିପକ୍ଷରେ ଖେଳି ରାଜ୍ୟ ପାଇଁ ଗୌରବ ଆଣିଥିଲେ । ଅନ୍ତର୍ଜାତୀୟ ଦିନିକିଆରେ ସେ ମାତ୍ର ୪୨ଟି ବଲ୍ ବୋଲିଂ କରିବାକୁ ସୁଯୋଗ ପାଇଥିଲା ବେଳେ ୱିକେଟ୍ ଶୂନ୍ୟ ରହିଥିଲେ । ଟି-୨୦ରେ ୪୮ଟି ବଲ୍ ପକାଇ ୪ ୱିକେଟ୍ ସଫଳତା ପାଇଛନ୍ତି । ଉଭୟ ପାକିସ୍ତାନ (୨/୧୫) ଓ ଶ୍ରୀଲଙ୍କା (୨/୨୩) ବିପକ୍ଷରେ ୨ଟି ଲେଖାଏଁ ୱିକେଟ୍ ନେଇଛନ୍ତି । ସଂପ୍ରତି ରୋସ୍‌ନାରା ଓଡ଼ିଶା ପୁଲିସରେ ସବ୍‌ଇନିସପେକ୍ଟର ଭାବେ କାର୍ଯ୍ୟରତ । ରୋସ୍‌ନାରାଙ୍କ ଅବସର ଘୋଷଣା ପରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସଂପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ବିସିସିଆଇର ବଡ଼ ଯୋଜନା, ଭାଙ୍ଗିଲା ରୋହିତ ଶର୍ମାଙ୍କ ସ୍ୱପ୍ନ

ନୂଆଦିଲ୍ଲୀ,୪/୧୦(ନ୍ୟୁ.ଏ): ୨୦୨୩ରେ ଦିନିକିଆ ବିଶ୍ୱକପ ଫାଇନାଲରେ ପରାଜୟ ପରେ ଅନେକଙ୍କ ସ୍ୱପ୍ନ ଭାଙ୍ଗିଥିଲା । ଭାରତ ଦିନିକିଆ ବିଶ୍ୱକପ ଜିତିବ ବୋଲି ସମସ୍ତଙ୍କ ଆଶା ଥିଲା । ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଜିତିବ ବୋଲି ବିଶ୍ୱାସ ବି ଥିଲା । କିନ୍ତୁ ଫଳାଫଳ ଭାରତ ସପକ୍ଷରେ ଗଲା ନାହିଁ । ଟେଷ୍ଟ ଓ ଟି ୨୦ରୁ ଅବସର ପରେ ବିରାଟ ଓ ରୋହିତ ଦିନିକିଆରେ ଖେଳିବେ ବୋଲି କହିଥିଲେ । ଫ୍ୟାନ୍ସଙ୍କ ମଧ୍ୟରେ ଆଶା ଥିଲା ୨୦୨୭ ଦିନିକିଆ ବିଶ୍ୱକପରେ ରୋହିତ ଶର୍ମା ଅଧିନାୟକ ହେବେ । ତାଙ୍କ କ୍ୟାବିନେଟରେ ଯେଉଁ ୨ଟି (ଟି-୨୦ ବିଶ୍ୱକପ୍ ଓ ଚାମ୍ପିଅନ୍ସ ଟ୍ରଫି) ଅଛି ଆଉ ଗୋଟିଏ ନାହିଁ । ତାହା ହେଉଛି ଦିନିକିଆ ବିଶ୍ୱକପ ଟ୍ରଫି । କିନ୍ତୁ ଆଜି ସିଲେକ୍ଟର ଏହା ସ୍ପଷ୍ଟ କରିଦେଇଛନ୍ତି ଯେ ହୁଏତ ରୋହିତ ଆଗାମୀ ଦିନିକିଆ ବିଶ୍ୱକପ ଖେଳି ନପାରନ୍ତି ।



ଭାରତୀୟ କ୍ରିକେଟ୍‌ରେ ଏବେ ନୂଆ ଯୁଗର ଆରମ୍ଭ ହେବାକୁ ଯାଉଛି । ଅଷ୍ଟ୍ରେଲିଆ ଗସ୍ତରେ ଏକଦିବସୀୟ ଦଳର ନେତୃତ୍ୱ ଶୁବମନ ଗିଲ ସମ୍ଭାଳିବେ । ଅର୍ଥାତ୍ ରୋହିତ ଶର୍ମା ଏବେ କେବଳ ଖେଳାଳି ଭାବେ ଖେଳୁଥିବା ଦେଖାଯିବେ । ରୋହିତ ଶର୍ମାଙ୍କୁ ୨୦୨୧ ଡିସେମ୍ବରରେ ପୂର୍ଣ୍ଣକାଳୀନ ଏକଦିବସୀୟ ଅଧିନାୟକ କରାଯାଇଥିଲା । କିନ୍ତୁ ରୋହିତ ଟି-୨୦ ଅନ୍ତର୍ଜାତୀୟରୁ ପୂର୍ବରୁ ଅବସର ନେଇ ସାରିଛନ୍ତି । ରୋହିତ ଶର୍ମାଙ୍କ ଅଧିନାୟକତ୍ୱର ଯୁଗ ଏବେ ଶେଷ ହୋଇଛି । ସେ ଅନ୍ୟତମ ସଫଳ ଅନ୍ତର୍ଜାତୀୟ ଅଧିନାୟକ ଭାବେ ତାଙ୍କ କ୍ୟାରିଅର ସମାପ୍ତ କରିଛନ୍ତି । ରୋହିତ ଶର୍ମା ଏକଦିବସୀୟରେ ଭାରତ ପାଇଁ ମୋଟ ୫୬ଟି ମ୍ୟାଚ୍‌ରେ ଅଧିନାୟକତ୍ୱ କରିଛନ୍ତି । ଏହି ସମୟରେ ଟିମ୍ ଇଣ୍ଡିଆ ୪୨ଟି ମ୍ୟାଚ୍‌ରେ ଜିତିଛି ଏବଂ ମାତ୍ର ୧୨ଟି ମ୍ୟାଚ୍‌ରେ ହାରିଛି । ତାଙ୍କ ଅଧିନାୟକତ୍ୱରେ ଗୋଟିଏ ମ୍ୟାଚ୍ ଟାଇ ହୋଇଥିଲା ଏବଂ ଗୋଟିଏ ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଥିଲା । ଅଧିନାୟକ ଭାବେ ସେ ୨ ଥର ଏସିଆ କପ ଟାଇଟଲ ଜିତିଛନ୍ତି । ସେ ଭାରତକୁ ୨୦୧୮ ଓ ୨୦୨୩ ଏସିଆ କପ ଟାଇଟଲ ଜିତାଇଛନ୍ତି । ୨୦୨୪ରେ ଟି୨୦ ବିଶ୍ୱକପ ରୋହିତଙ୍କ ନେତୃତ୍ୱରେ ଭାରତ ଜିତିଥିଲା । ଏହା ସହିତ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ମଧ୍ୟ ଜିତାଇଛନ୍ତି । ଭାରତ ୧୨ ବର୍ଷ ପରେ ଚାମ୍ପିଅନ୍ସ ଟ୍ରଫି ନିଜ ନାମରେ କରିଥିଲା ।

## ବିଜୟଙ୍କ ସାହାରାରେ ତାମିଲନାଡୁରେ ଶାସନ ଭାର ହାତେଇପାରେ ଭାଜପା



ଚେନ୍ନାଇ,୪/୧୦(ନ୍ୟୁ.ଏ): କରୁର ଷ୍ଟାମ୍ପେଡ ଘଟଣାର କିଛି ଦିନ ପରେ, ଭାରତୀୟ ଜନତା ପାର୍ଟି (ଭାଜପା) ଦକ୍ଷିଣ ସୁପରଷ୍ଟାର ବିଜୟ ଥାଲାପତିଙ୍କ ଦଳ ତାମିଲଗା ଭେଟ୍ରି କାଝାଗମ (ଟିଭିକେ) ସହିତ ଯୋଗାଯୋଗ କରିଛି । ଭାଜପା ୨୦୨୬ତାମିଲନାଡୁ ବିଧାନସଭା ନିର୍ବାଚନରେ ନିଜର ସମ୍ଭାବନା ବୃଦ୍ଧି କରିବା ପାଇଁ ବିଜୟଙ୍କ ବିଶାଳ ପ୍ରଶଂସକ ଆଧାରକୁ ବ୍ୟବହାର କରିବାକୁ ଆଶା କରୁଛି । ସେପ୍ଟେମ୍ବର ୨୭ରେ ଦଳାଚକଟାରେ ଅତି କମରେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା । ପୋଲିସ ରିପୋର୍ଟ କରିଛି ଯେ ପ୍ରାୟ ୨୭,୦୦୦ ଲୋକ ରାଲିରେ ଯୋଗ ଦେଇଥିଲେ, ଯାହା ମାତ୍ର ୧୦,୦୦୦ ଲୋକଙ୍କର ଉପସ୍ଥିତି ଆଶା କରାଯାଉଥିଲା । ପୋଲିସ ଏହା ମଧ୍ୟ କହିଛି ଯେ ବିଜୟଙ୍କ ଆଗମନ ସାତ ଘଣ୍ଟା ବିଳମ୍ବରେ ହୋଇଥିଲା, ଯାହା ଫଳରେ ଦୁର୍ଘଟଣା ଘଟିଥିଲା । ବିଜୟଙ୍କ ଦଳ ଅଭିଯୋଗ କରିଛି ଯେ ପୋଲିସ ଲାଠିଚାର୍ଜ ଯୋଗୁ ଦଳାଚକଟା ହୋଇଥିଲା ।

ଏନଡିଟିଭିର ଏକ ରିପୋର୍ଟ ଅନୁଯାୟୀ, ବରିଷ୍ଠ ଭାଜପା ନେତାମାନେ ଟିଭିକେ ନେତାମାନଙ୍କୁ କହିଛନ୍ତି ଯେ ଯଦି ବିଜୟଙ୍କୁ ଡିଏମକେ ଦ୍ୱାରା ଅନ୍ୟାୟ ଭାବରେ ଟାର୍ଗେଟ କରାଯାଏ, ତେବେ ସେ ଏକା ରହିବେ ନାହିଁ । ଭାଜପା ଟିଭିକେକୁ ଏହା ମଧ୍ୟ କହିଛି ଯେ ଏହା ଡିଏମକେ ପାଇଁ ଏକ ଦୃଢ଼ ଚ୍ୟାଲେଞ୍ଜ ସୃଷ୍ଟି କରିବାକୁ ଚେଷ୍ଟା କରୁଛି ଏବଂ ବିଜୟଙ୍କୁ ଧୈର୍ଯ୍ୟ ରଖିବାକୁ ପରାମର୍ଶ ଦେଇଛି । ଅଭିନେତା ବର୍ତ୍ତମାନ କରୁର ଷ୍ଟାମ୍ପେଡ ସଙ୍କଟ ଏବଂ ତାଙ୍କ ରାଜନୈତିକ ରାଲିର ଅନିଶ୍ଚିତ ସ୍ଥିତି ସମାଧାନ କରିବାରେ ବ୍ୟସ୍ତ ଅଛନ୍ତି । କଂଗ୍ରେସ ମଧ୍ୟ ଟିଭିକେ ସହିତ ଯୋଗାଯୋଗ କରିଛି । ଏହା ସୂଚାଇ ଦେଉଛି ଯେ ଦେଶର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ରାଜ୍ୟର ରାଜନୀତିରେ ସେମାନଙ୍କର ପ୍ରଭାବ ବୃଦ୍ଧି କରିବାର ସୁଯୋଗ ଦେଖୁଛନ୍ତି, ଯେଉଁଠାରେ ଡିଏମକେ ଏବଂ ଏଆଇଏଡିଏମକେ ପ୍ରମୁଖ । ବିଜୟ ପୂର୍ବରୁ କହିଥିଲେ ଯେ ଟିଭିକେ ୨୦୨୬ ନିର୍ବାଚନ ଏକା ଲଢ଼ିବ, କିନ୍ତୁ ସାମ୍ପ୍ରତିକ ରାଜନୈତିକ ଘଟଣା ତାଙ୍କ ରଣନୀତିକୁ ପରିବର୍ତ୍ତନ କରିପାରେ । ଭାଜପା ବିଶ୍ୱାସ କରେ ଯେ ଡିଏମକେ ପରବର୍ତ୍ତୀ ନିର୍ବାଚନରେ ଶାସନ ବିରୋଧୀ ଲହରର ସମ୍ମୁଖୀନ ହୋଇପାରେ ଏବଂ ବିରୋଧୀ ଭୋଟ ସଂଗ୍ରହ କରିବା ପାଇଁ ଟିଭିକେ ଉପରେ ଧ୍ୟାନ ଦେଉଛି ।

## ପାକିସ୍ତାନ ସୀମାରେ ଖଞ୍ଜାଯିବ ଏକେ ୩୬୦ ଏୟାର ଡିଫେନ୍ସ ବନ୍ଧୁକ

ନୂଆଦିଲ୍ଲୀ,୪/୧୦(ନ୍ୟୁ.ଏ): ଭାରତୀୟ ସ୍ଥଳ ସେନା ଆଣିବ ଅତ୍ୟାଧୁନିକ ଏକେ ୩୬୦ ଏୟାର ଡିଫେନ୍ସ ବନ୍ଧୁକ । ସରକାରଙ୍କ ଦ୍ୱାରା ପରିଚାଳିତ ଆଡଭାନ୍ସଡ ୱିପନ ଓ ଇକ୍ୟୁପମେଣ୍ଟ ଇଣ୍ଡିଆ ଲିଃ ବା ଏଡବ୍ଲ୍ୟୁଇଆଇଏଲ୍ ଏହି ଅତ୍ୟାଧୁନିକ ବନ୍ଧୁକ ସ୍ଥଳ ସେନାକୁ ଦେବ । ଏଥିପାଇଁ ସ୍ଥଳ ସେନା ପକ୍ଷରୁ ସଂସ୍ଥାକୁ କୁହାଯାଇଛି । ମିଶନ ସୁଦର୍ଶନ ଚକ୍ର ଅଧୀନରେ ସ୍ଥଳ ସେନା ବନ୍ଧୁକ ଆଣିବାକୁ ନିଷ୍ପତ୍ତି ନେଇଛି । ସ୍ୱାଧୀନତା ଦିବସ ଅଭିଭାଷଣ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ମିଶନ ସୁଦର୍ଶନ ଚକ୍ରର ଆରମ୍ଭ କରିଥିଲେ । ଏବେ ସ୍ଥଳ ସେନା ଏହା ଅଧୀନରେ ଅତ୍ୟାଧୁନିକ ବନ୍ଧୁକ ଆଣିବ । ଏହାକୁ ପାକିସ୍ତାନ ସୀମାନ୍ତରେ ଖଞ୍ଜା ଯିବ । ଜଣେ ପ୍ରତିରକ୍ଷା ଅଧିକାରୀ କହିଛନ୍ତି, "ଭାରତୀୟ ଆର୍ମି ଏୟାର ଡିଫେନ୍ସ ପକ୍ଷରୁ ୬ଟି ଏକେ-୬୩୦ ଏୟାର ଡିଫେନ୍ସ ବନ୍ଧୁକ ପାଇଁ ଅନୁରୋଧ ପ୍ରସ୍ତାବ ଦିଆଯାଇଛି । ୩୦ ଏମଏମ ମଲ୍ଟି ବାରେଲ ମୋବାଇଲ ଏୟାର ଡିଫେନ୍ସ ଗନ ସିଷ୍ଟମ ସହ ଗୋଟିଏ ଉଚ୍ଚ ଗୁଳି ବର୍ଷଣର ବ୍ୟବସ୍ଥା ଏଥିରେ କରାଯିବ ।"



ୟୁଆରଏଏମ୍ (ମାନବହୀନ ଯାନ, ରକେଟ୍, ତୋପ ଓ ମୋର୍ଟାର)ରୁ ସୃଷ୍ଟି ହେଉଥିବା ବିପଦକୁ ଏହି ବନ୍ଧୁକ ପ୍ରତିହତ କରିବ । ଏହାକୁ ଅନ୍ତର୍ଜାତୀୟ ସୀମା ଓ ନିୟନ୍ତ୍ରଣ ରେଖା ନିକଟରେ ଥିବା ପ୍ରମୁଖ ସ୍ଥାନଗୁଡ଼ିକର ସୁରକ୍ଷା ପାଇଁ ବ୍ୟବହାର କରାଯିବ । ଏହି ବନ୍ଧୁକକୁ ଗୋଟିଏ ଟ୍ରେଲରରେ ଖଞ୍ଜାଯିବ ଓ ଉଚ୍ଚ ସ୍ଥାନରେ ରଖାଯିବ । ଏକେ ୩୬୦ ଏୟାର ଡିଫେନ୍ସ ଗନର ଲକ୍ଷ୍ୟଭେଦ କ୍ଷମତା ୪ କିମି ଓ ଏଥିରୁ ପ୍ରତି ମିନିଟରେ ୩ ହଜାର ରାଉଣ୍ଡ ଗୁଳି ମାଡ଼ କରାଯାଇ ପାରିବ । ମେ' ମାସରେ ପାକିସ୍ତାନ ସହ ସାମରିକ ବିବାଦରେ ବିରାମ ଲାଗିବା ପରେ ଭାରତୀୟ ସେନା ଇକ-୬୩୦ର ପରୀକ୍ଷଣ କରିଥିଲା । ଏହା ବେଶ ସଫଳ ହୋଇଥିଲା । କିନ୍ତୁ ଏଥିରେ ଆଉ କିଛି ଯନ୍ତ୍ରାଂଶର ବିକଶିତ କରିବାକୁ କୁହାଯାଇଥିଲା । ଏବେ କିନ୍ତୁ ଭାରତୀୟ ସେନା ଏକେ ୩୬୦ ଏୟାର ଡିଫେନ୍ସ ଗନ ସୀମାରେ ଖଞ୍ଜିବାକୁ ନିଷ୍ପତ୍ତି ନେଇଛି ।

## ଆଫଗାନ ଶରଣାର୍ଥୀଙ୍କ ଉପରେ ପାକିସ୍ତାନର ଅତ୍ୟାଚାର



କ୍ୱେଟା,୪/୧୦(ନ୍ୟୁ.ଏ) : ପାକିସ୍ତାନରେ ରହୁଥିବା ଆଫଗାନ ଶରଣାର୍ଥୀମାନଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଛି ପାକିସ୍ତାନ । ସେମାନଙ୍କ ଶିବିରକୁ ବନ୍ଦ କରିବା ସହ ସେମାନଙ୍କୁ ଜବରଦସ୍ତି ପାକିସ୍ତାନରୁ ବାହାର କରିଦିଆଯାଉଛି । ଚମନରେ ଆଫଗାନ ଶରଣାର୍ଥୀଙ୍କୁ ସମର୍ଥନ କରୁଥିବା ଏକ ନାଗରିକ ସମାଜ ସଂଗଠନର ସଦସ୍ୟ ୱାଲି ମହମ୍ମଦ କହିଛନ୍ତି, 'ମୁଁ ପାକିସ୍ତାନ ସରକାରଙ୍କୁ ଶରଣାର୍ଥୀଙ୍କୁ ବଳପୂର୍ବକ ବିତାଡ଼ିତ କରିବା ସମୟରେ ମାନବାଧିକାରକୁ ସମ୍ମାନ ଦେବାକୁ ନିବେଦନ କରୁଛି । ବିଶ୍ୱର ଅନ୍ୟ ଦେଶ ପାଂ ବର୍ଷ ମଧ୍ୟରେ ଆଫଗାନମାନଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରନ୍ତି, କିନ୍ତୁ ଦଶନ୍ଧି ପରେ ମଧ୍ୟ ପାକିସ୍ତାନ ଏପରି କରିନାହିଁ ।' ବେଲୁଚିସ୍ତାନର ଏହି ଶିବିରଗୁଡ଼ିକରୁ ବିତାଡ଼ିତ ଶରଣାର୍ଥୀମାନେ କହୁଛନ୍ତି ଯେ ସେମାନେ ଆଫଗାନିସ୍ତାନ ତ ଫେରୁଛନ୍ତି କିନ୍ତୁ ସେଠାରେ ତାଙ୍କର ଆଉ କିଛି ନାହିଁ । ଏଣୁ ସେମାନଙ୍କୁ ତୁରନ୍ତ ଶରଣାର୍ଥୀ ଓ ମାନବୀୟ ସହାୟତା ଆବଶ୍ୟକ । ଆଫଗାନିସ୍ତାନର ଟୋଲୋ ନ୍ୟୁଜର ଏକ ରିପୋର୍ଟ ଅନୁଯାୟୀ, କର୍ତ୍ତୃପକ୍ଷ କିଛି ସହାୟତା ପ୍ରଦାନ କରୁଛନ୍ତି, କିନ୍ତୁ ପାକିସ୍ତାନରୁ ଆଫଗାନ ଶରଣାର୍ଥୀଙ୍କୁ ବଳପୂର୍ବକ ବିତାଡ଼ିତ କରିବାର ଘଟଣା ନେଇ ଚିନ୍ତିତ । ଅଧିକାରୀଙ୍କ ଅନୁଯାୟୀ, କେବଳ ଗତ ପାଞ୍ଚ ଦିନରେ, ଶହ ଶହ ପୂର୍ବତନ କଏଦୀଙ୍କ ସମେତ ୧୩୫୦୪ ଶରଣାର୍ଥୀ ସୀମା ଦେଇ ଆଫଗାନସ୍ତାନ ଫେରିଛନ୍ତି । ଏହି କଷ୍ଟ ଏବଂ ଫେରି ଆସୁଥିବା ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଚିନ୍ତାର ବିଷୟ ଏବଂ ସ୍ଥାନୀୟ ଏବଂ ଅନ୍ତର୍ଜାତୀୟ ସମ୍ପ୍ରଦାୟର ତୁରନ୍ତ ସହାୟତା ଆବଶ୍ୟକ ।

## ଆମେରିକାରେ କାମ କରୁଥିବା ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା

ୱାଶିଂଟନ,୪/୧୦(ନ୍ୟୁ.ଏ): ଉଚ୍ଚ ଶିକ୍ଷା ପାଇଁ ଆମେରିକା ଯାଇଥିଲେ । ଡାଲାସରେ ମାଷ୍ଟରଡିଗ୍ରୀ ପରେ ଭଲ ଚାକିରି ଅପେକ୍ଷାରେ ରହିଥିଲେ । ପେଟପାଟଣା ପାଇଁ ଆମେରିକାର ଗୋଟିଏ ଗ୍ୟାସ ଷ୍ଟେସନରେ ପାର୍ଟ ଟାଇମ କାମ କରୁଥିଲେ । ଆଖିରେ ତାଙ୍କର ଅନେକ ସ୍ୱପ୍ନ ରହିଥିଲା । ହାଇଦ୍ରାବାଦରେ ରହୁଥିବା ପରିବାର ଲୋକ ମଧ୍ୟ ପୁଅର ଚାକିରିକୁ ଅପେକ୍ଷା କରିଥିଲେ । ପୁଅ ଡାକ୍ତର ହୋଇ ଲୋକଙ୍କ ସେବା କରିବ । ହେଲେ ମାତ୍ର କିଛି କ୍ଷଣ ମଧ୍ୟରେ ସବୁ କିଛି ବଦଳି ଯାଇଛି । ଗ୍ୟାସ ଷ୍ଟେସନରେ କାମ କରୁଥିବା ୨୭ ବର୍ଷୀୟ ଭାରତୀୟ ଛାତ୍ର ଚନ୍ଦ୍ରଶେଖର ପୋଲେଙ୍କୁ ଆମେରିକାରେ କରାଯାଇଛି ହତ୍ୟା । ଜଣେ ଅଜଣା ବନ୍ଧୁକଧାରୀ ତାଙ୍କୁ ଗୁଳି ମାରି ହତ୍ୟା କରିଛନ୍ତି ।

ଚନ୍ଦ୍ରଶେଖର ହାଇଦ୍ରାବାଦରେ ଡେଣ୍ଟାଲ ସର୍ଜରୀରେ ବ୍ୟାଚେଲର ଡିଗ୍ରୀ ହାସଲ କରିବା ପରେ ଉଚ୍ଚ ଶିକ୍ଷା ପାଇଁ ୨୦୨୩ରେ ଆମେରିକା ଯାଇଥିଲେ । ୬ ମାସ ତଳେ ଆମେରିକାରେ ସେ ନିଜର ମାଷ୍ଟର ଡିଗ୍ରୀ ଶେଷ କରିଥିଲେ । ପାର୍ଟ ଟାଇମ ଭାବେ ଗ୍ୟାସ ଷ୍ଟେସନରେ କାମ କରିବା ସହ ପୂର୍ଣ୍ଣକାଳୀନ ଚାକିରି ଅପେକ୍ଷାରେ ରହିଥିଲେ ।



ହେଲେ ଶୁକ୍ରବାର ରାତିରେ ସେ ଗ୍ୟାସ ଷ୍ଟେସନରେ କାମ କରୁଥିବା ବେଳେ ଜଣେ ଅଜଣା ବନ୍ଧୁକଧାରୀ ତାଙ୍କ ପାଖରେ ପହଞ୍ଚିଥିଲେ । କେହି କିଛି ବୁଝିବା ଆଗରୁ ସେ ଚନ୍ଦ୍ରଶେଖରଙ୍କୁ ଗୁଳି କରି ଫେରାର ହୋଇଯାଇଥିଲେ । ଗୁଳିମାଡ଼ ଯୋଗୁ ଘଟଣା ସ୍ଥଳରେ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ହୋଇଛି । ଭେଣ୍ଡିଆ ପୁଅର ମୃତ୍ୟୁ ଖବର ହାଇଦ୍ରାବାଦରେ ରହୁଥିବା ପରିବାର ଲୋକଙ୍କୁ ସ୍ତବ୍ଧ କରି ଦେଇଛି । ସେମାନେ ପୁଅର ମରଶରୀର ଆମେରିକାରୁ ଫେରାଇ ଆଣିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

ଘଟଣା ସମ୍ପର୍କରେ ଖବର ପାଇ ବିଆରଏସ୍ ବିଧାୟକ ସୁଧୀର ରେଡ୍ଡୀ ଆଜି ଚନ୍ଦ୍ରଶେଖରଙ୍କ ହାଇଦ୍ରାବାଦ ସ୍ଥିତ ଘରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି । ଏଥିସହ ଚନ୍ଦ୍ରଶେଖରଙ୍କ ମୃତଦେହକୁ ତୁରନ୍ତ ଫେରାଇ ଆଣିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି, ଗୋଟିଏ ଭୟଙ୍କର ଘଟଣାକ୍ରମରେ ନଗର ଅଞ୍ଚଳର ଦଳିତ ଛାତ୍ର ଚନ୍ଦ୍ରଶେଖର ପୋଲେ ଏଠାରେ ବିଡିଏସ୍ ଶେଷ କରିବା ପରେ ଅଧିକ ପଢ଼ିବା ପାଇଁ ଆମେରିକାର ଡାଲାସ ଯାଇଥିଲେ । କିନ୍ତୁ ସେଠାରେ ଦୁର୍ବୃତ୍ତଙ୍କ ଗୁଳିରେ ତାଙ୍କର ଦେହାନ୍ତ ହୋଇଛି । ପୁଅ ଶୀର୍ଷରେ ପହଞ୍ଚିବ ବୋଲି ଆଶା ରଖିଥିବା ପରିବାର ଲୋକଙ୍କ ଯନ୍ତ୍ରଣା ବର୍ଣ୍ଣନା କରାଯାଇ ପାରିବ ନାହିଁ । ବିଆରଏସ୍ ତରଫରୁ ଦାବି କରୁଛୁ ଯେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଯଥାଶୀଘ୍ର ଚନ୍ଦ୍ର ଶେଖରଙ୍କ ମରଶରୀରକୁ ତାଙ୍କ ଜନ୍ମ ସ୍ଥାନକୁ ଫେରାଇ ଆଣନ୍ତୁ ବୋଲି ସୁଧୀର ଏକ୍ସରେ ପୋଷ୍ଟ କରିଛନ୍ତି । ଚନ୍ଦ୍ର ଶେଖର ଆମେରିକାର ଜିଇଆଇଡିଓରେ ଗତବର୍ଷ ଅଗଷ୍ଟରୁ ସିନିୟର ଡାଟା ଆନାଲିଷ୍ଟ ଭାବେ କାମ କରୁଥିଲେ । କାର୍ଯ୍ୟରେ ଥିବା ବେଳେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି ।

## ଯମୁନାରେ ବୁଡ଼ିଗଲେ ଭାଜପା ନେତା

ନୂଆଦିଲ୍ଲୀ,୪/୧୦(ନ୍ୟୁ.ଏ): ପୂର୍ବ ଦିଲ୍ଲୀର ସୋନିଆ ବିହାର ଅଂଚଳରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଜଣେ ବରିଷ୍ଠ ଭାଜପା ନେତା ମାଛମାନଙ୍କୁ ଖାଇବାକୁ ଦେବା ସମୟରେ ଯମୁନା ନଦୀରେ ବୁଡ଼ି ଯାଇଛନ୍ତି । ତାଙ୍କୁ ଉଦ୍ଧାର କରିବାକୁ ଆସିଥିବା ଅଗ୍ନିଶମ ବାହିନୀ ଗାଡ଼ି ସହିତ ଧକ୍କା ଦେବାରୁ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ଶନିବାର ସକାଳେ କରାୱାଲ ନଗରର ପୂର୍ବତନ ଭାଜପା ମଣ୍ଡଳ ସଭାପତି କୁଳଦୀପ ନୈନୱାଲ ମାଛଙ୍କୁ ଦାନା ଖାଇବାକୁ ଦେବାକୁ ଯମୁନା କୂଳକୁ ଯାଇଥିବା ବେଳେ ସେ ଖସିଯାଇ ଗଭୀର ପାଣିରେ ବୁଡ଼ି ଯାଇଛନ୍ତି । ସୂଚନା ପାଇ ଅଗ୍ନିଶମ ବାହିନୀର ଏକ ଦଳ ତାଙ୍କୁ ଉଦ୍ଧାର କରିବାକୁ ଯାଉଥିବା ବେଳେ ଗାଡ଼ିଟି ଏକ ମୋଟରସାଇକେଲ ସହିତ ଧକ୍କା ହୋଇଥିଲା । ଦୁର୍ଘଟଣାରେ କିଶୋର ମୋଟରସାଇକେଲ ଆରୋହୀ ରୋହିତ ପାଲଙ୍କର ମୃତ୍ୟୁ ହୋଇଛି । ନୈନୱାଲଙ୍କ ମୃତଦେହ କିଛି ସମୟ ପରେ ଯମୁନା ନଦୀରେ ଉଦ୍ଧାର କରାଯାଇଥିଲା । ପୋଲିସ ଅଗ୍ନିଶମ ଗାଡ଼ିକୁ ହେପାଜତକୁ ନେଇଛି । ସେମାନେ କହିଛନ୍ତି ଯେ କିଶୋର ଜଣକ ଭୁଲ କରିଥିଲେ; ସେ ଭୁଲ ଭାବରେ ଗାଡ଼ି ଚଳାଇଥିଲେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das